## ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବଡ଼ସାହି,(ସ୍ୱ.ପ୍ର.): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଧୀନ ବୁଢ଼ାବଳଙ୍ଗ ନଦୀରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଧନାପାଳ ଗ୍ରାମର ଶତ୍ରୁଘ୍ନ ସିଂଙ୍କ ସ୍ତ୍ରୀ ବାସନ୍ତୀ ସିଂ (୫୦)। ସେ ଶନିବାର ଦିନ ପିଠା ଧରି ନଦୀ ପଠାରେ ଥିବା ଝିଅ ଘର କାଠପାଳ ଗ୍ରାମକୁ ଯାଉଥିଲେ। ଗ୍ରାମ ନିକଟସ୍ଥ ଘାଟରେ ନଦୀ ପାର ହେଉଥିବା ସମୟରେ ପାଣି ଭିତରେ ଥିବା ଗଣ୍ଡରେ ବୁଡ଼ି ଯାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ମୃତଦେହ ନଦୀରେ ଭାସୁଥିବା ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କରିଥିଲା। ବୈଶିଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ନଂ. ୨/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ରୂପ୍‌ସା ହାଟରୁ ମୋବାଇଲ ଲୁଟ୍

ରୂପ୍‌ସା, ୭।୧(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅଧୀନ ଶୁକ୍ରବାର ରୂପ୍‌ସା ହାଟରୁ ୨ ଜଣ ଯୁବକଙ୍କଠାରୁ ମୋବାଇଲ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ରୂପ୍‌ସା ଥାନା ପୋଲିସ ତଦନ୍ତ ଜାରି ରଖିଥିଲେ ହେଁ ଏଯାବତ୍ ଲୁଟେରାଙ୍କ ସନ୍ଧାନ ମିଳିନାହିଁ। ଆଙ୍କୋ ଗ୍ରାମର ବିଷ୍ଣୁପଦ ବେହେରା ଓ ବାରାପାଳ ଗ୍ରାମର ରାମକୃଷ୍ଣ ବାରିକ ସନ୍ଧ୍ୟା ସମୟରେ ହାଟକୁ ଯାଇ ପନିପରିବା କିଣୁଥିଲେ। ଏକ ଲୁଟେରା ଗ୍ୟାଙ୍ଗ୍ ସେମାନଙ୍କ ପିଛା କରି ଦୁଇଟି ଦାମୀ ମୋବାଇଲ ଲୁଟ୍ କରି ଚମ୍ପଟ ମାରିଥିଲେ। ହାଟ ଓ ବଜାରରେ ପୋଲିସ କଡାକଡି ପାଟ୍ରୋଲିଂ ପାଇଁ ବଜାର କମିଟି ତରଫରୁ ବାରମ୍ବାର ଦାବି ହେଉଥିଲେ ହେଁ ପୋଲିସର ଢିଲାପଣ ଯୋଗୁ ଲୁଟେରାମାନେ ସକ୍ରିୟ ହେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

କେନ୍ଦୁଝର,୭।୧ (ସ୍ୱ.ପ୍ର.): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବଡ଼କାଲିମାଟି ପଞ୍ଚାୟତ ପୀଢ଼ପୋଖରୀ ଗ୍ରାମ ଜଙ୍ଗଲରେ ଜଣେ ମହିଳା ପାରିବାରିକ କହଳକୁ କେନ୍ଦ୍ର କରି ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଉକ୍ତ ଗ୍ରାମର ରଘ୍ନା ମୁଣ୍ଡାଙ୍କ ସ୍ତ୍ରୀ ସୁକୁମତି ମୁଣ୍ଡା(୩୫)। ସେ ମାଘେ ପର୍ବରୁ ଫେରିବା ପରେ ଘରଠାରୁ ୧ କିଲୋମିଟର ଦୂର ପୀଢ଼ପୋଖରୀ ଜଙ୍ଗଲରେ ଫାଶି ଦେଇ ଆତ୍ମହତ୍ୟା କରିଥିଲେ। ଗାଁ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ୍ କରି ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ. ନଂ. ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କେନ୍ଦୁଝର,୭।୧(ସ୍ୱ.ପ୍ର): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡ୍ରକାପ ଭାଲିଆପଡ଼ାସାହି ନିକଟ ଏକ ଆମ୍ବଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଜଣଙ୍କ ହେଲେ ସାହିର ବିରଞ୍ଚି ନାଏକଙ୍କ ପୁଅ ଚିନ୍ମୟ ନାଏକ(୨୦)। ଶନିବାର ସକାଳୁ ଚିନ୍ମୟ ଗଛରେ ଝୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ତାଙ୍କ ବେକରେ ଦଉଡ଼ି ଲାଗିଥିବାବେଳେ ପାଦ ଭୂଇଁରେ ଲାଗିଛି। ତେଣୁ ପାରିପାର୍ଶ୍ୱିକ ସ୍ଥିତିରୁ ଯୁବକଙ୍କୁ କେହି ହତ୍ୟାକରି ଆତ୍ମହତ୍ୟାର ରୂପ ଦେବାକୁ ଗଛରେ ଝୁଲାଇ ଦେଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସଦର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

କପ୍ତିପଦା,୭।୧-ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଶରତ ପଞ୍ଚାୟତ ରଙ୍ଗାମାଟିଆ ଗ୍ରାମର ପୂର୍ବତନ ୱାର୍ଡମେମ୍ବର ଗୌରିସିଂ ଦୁରାଇଙ୍କ ପତ୍ନୀ ତୁଳସୀ ସିଂ ଦୁରାଇ(୪୮)ଙ୍କ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଚାରି ପୁଅ, ଦୁଇ ଝିଅଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତୁଳସୀ ଜଣେ ଧର୍ମପରାୟଣା ମହିଳା ଥିଲେ। ସରପଞ୍ଚ ପଦ୍ମାବତୀ ସିଂ, ଯୁବନେତା ଦିବାକର ପୂର୍ତ୍ତି, ମିଥୁନ ପୂର୍ତ୍ତି, ଜଣ୍ଡକ ସିଂ, ଚାମ୍ପାଏ ପୂର୍ତ୍ତି, ଗୌରାଙ୍ଗ ବୁଲିଉଲି, ନାନ୍ଦୁସିଂ ବୁଲିଉଲି, ଚରଣ ବୁଲିଉଲି, ବାସନ୍ତୀ ବଇପାଇ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ପରଲୋକ

ଆରଡ଼ି, ୭।୧ (ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତ କୁଳେଇପଦା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତି (୬୫)ଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ହୋଇଛି। ସେ ସାଠିବାଙ୍କୁଡା, ଅମୃତମଣୋହି, ପହଣା ଆଦି ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ମଠଡିହ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଥିଲେ। ସେ



ଜଣେ କବୟିତ୍ରୀ ଓ ସାହିତ୍ୟିକା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅବିଭକ୍ତ ସୁନ୍ଦରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର ନାୟକ, ନାନ୍ଦପୁରର ପୂର୍ବତନ ସରପଞ୍ଚ ସରୋଜ ଦାସ, ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁ, ମିନତିଲତା ପୁହାଣ, ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ପୀତବାସ ନାୟକ, ଶ୍ରୀଧର ବାରିକ, ପୂର୍ବତନ ସିଆର୍‌ସିସି ହୃଦାନନ୍ଦ ନାୟକ, ସିଆର୍‌ସିସି ମଙ୍ଗୁଳି ଚରଣ ସେଠୀ, ଏଏସ୍‌ଆଇ ପ୍ରଦୀପ ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପୁତ୍ର ଦିଲୀପ ଶେଖର, ପତିତପାବନ ଓ ଝିଅ ମିନର୍ଭା ପ୍ରିୟଦର୍ଶିନୀ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି।

# ନୃତ୍ୟ, ବାଦ୍ୟରେ କମ୍ପିଲା ସହର

## ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ

କେନ୍ଦୁଝର/ପାଟଣା,୭।୧ (ସ୍ୱ.ପ୍ର/ଡି.ଏନ୍.ଏ)



ଓଡ଼ିଶୀ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

ବିଶ୍ୱକପ୍ ହକି ଟ୍ରଫି ଏବଂ ମାସ୍କଟ 'ଓଲି'କୁ କେନ୍ଦୁଝର ଜିଲାରେ ଭବ୍ୟ ସ୍ୱାଗତ କରାଯାଇଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ନୃତ୍ୟ, ଗୀତ ଓ ବାଦ୍ୟଯନ୍ତ୍ରର ମଧୁର ମୂର୍ଚ୍ଛନାରେ ସହର କମ୍ପୁଥିଲା। ଶନିବାର ସକାଳେ ସର୍କିଟ୍ ହାଉସ୍ ଛକ ନିକଟରୁ ଏକ ମିନି ମାରାଥନ ଆୟୋଜିତ ହୋଇଥିଲା। ଏକ ବାଇକ୍ ରାଲିରେ ସର୍କିଟ୍ ହାଉସଠାରୁ ଟ୍ରଫିକୁ ପୁରୁଣା ସହରସ୍ଥିତ ବଡ଼ଦାଣ୍ଡକୁ ପଟୁଆରରେ ନିଆଯାଇ ସେଠାରେ ଏକ ସ୍ୱତନ୍ତ୍ର ମଣ୍ଡପରେ ସ୍ଥାପନ କରାଯାଇଥିଲା। ସ୍ୱାଗତ କରିବା ପାଇଁ ସବୁ ବର୍ଗର ଲୋକ, ଛାତ୍ରୀଛାତ୍ରମାନେ ସମବେତ ହୋଇଥିଲେ।

ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାଗତ ସମାରୋହରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଡିଏଫଓ ଧନ୍‌ରାଜ ଏଚ୍‌ଡି, କେନ୍ଦୁଝରଗଡ଼ ପୌରପାଳିକା ନିକୁ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ୍, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଜୟଶ୍ରୀ ବେଉରା, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ସ୍ୱାଗତ ସମ୍ଭାଷଣ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷାବିତ୍, ଜନସାଧାରଣ ଟ୍ରଫି ଏବଂ ଓଲିକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ହକି ବିଶ୍ୱକପ୍ ଟ୍ରଫି ମୟୂରଭଞ୍ଜ ଜିଲା ପରିକ୍ରମା ନିମନ୍ତେ ବାହାରିଥିଲା। ରାସ୍ତାରେ ପାଟଣା ବ୍ଲକ୍ ଅନ୍ତର୍ଗତ ତୁରୁମୁଙ୍ଗା କଲେକ ଛକରେ ହକି ବିଶ୍ୱକପ ଓ ମାସ୍କଟ ଓଲିକୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଦଧିବାବନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ସରକାରୀ କର୍ମଚାରୀ ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ସାମିଲ ହୋଇ ବାଣ ଫୁଟାଇ, ବାଜା ବଜାଇ ଥାନା ଛକ ପର୍ଯ୍ୟନ୍ତ ପଟୁଆରରେ ନେଇଥିଲେ। ପରେ ମୟୂରଭଞ୍ଜ ଜିଲା କରଞ୍ଜିଆକୁ ଯାଇଥିଲା।

## ବାଲେଶ୍ୱରରେ ଆଜି ପରିକ୍ରମା

ବାଲେଶ୍ୱର ଅଫିସ, ୭।୧

୮ତାରିଖରେ ହକି ବିଶ୍ୱକପ ଟ୍ରଫି ବାଲେଶ୍ୱର ପରିକ୍ରମା କରିବ। ଏନେଇ ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସୂଚନା ଦେଇଛନ୍ତି।

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତ କଳମା ଛକଠାରେ ଜିଲା ପ୍ରଶାସନ ଓ ବାଲେଶ୍ୱର ଜନସାଧାରଣଙ୍କ ତରଫରୁ ଏହି ଟ୍ରଫିକୁ ସ୍ୱାଗତ କରାଯାଇ ଫକୀରମୋହନ ଗୋଲେଇ, ଫାଣ୍ଡି ଛକ, କଲେକ୍ଟୋରେଟ ଫାଟକ, ଗୋପାଳ ଗାଁ ଛକ ଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଏକ ଶୋଭାଯାତ୍ରାରେ ପରମିଟ୍ ପଡିଆରେ ପହଞ୍ଚାଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଏହି ଉପଲକ୍ଷେ ଆସନ୍ତା ୮ ତାରିଖ ପୂର୍ବାହ୍ନରେ ଏକ ମିନି ମାରାଥନ ଆୟୋଜନ କରାଯାଇଛି। ମିନି ମାରାଥନର ବିଜେତାମାନଙ୍କୁ ଅୟୋଜିତ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପ୍ରକଳ୍ପ ଅଧିକାରୀ ରବୀନ୍ଦ୍ର ସାହୁ, ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ସୂଚନା ଅଧିକାରୀ ଭବାନୀଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।



ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅଧିକାରୀ।

## ଜଳେଶ୍ୱରର ୪ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ୫-ଟି ପ୍ରତିନିଧି


୫-ଟି ପ୍ରତିନିଧି ଦଳ ସମୀକ୍ଷା କରୁଛନ୍ତି।

ଜଳେଶ୍ୱର, ୭।୧(ଡି.ଏନ.ଏ.)

ଜଳେଶ୍ୱର ବ୍ଲକ ଅଞ୍ଚଳର ୨୧ଟି ଉଚ୍ଚ ବିଦ୍ୟାଳୟରେ ୫-ଟି କାର୍ଯ୍ୟ ଶେଷ ହେବା ପରେ ଶିକ୍ଷାଦାନ, ସୌନ୍ଦର୍ଯ୍ୟକରଣ, ସ୍ମାର୍ଟ ଡିଜିଟାଲ କ୍ଲାସ, ବଗିଚା ଓ ଖେଳପଡିଆ ସମ୍ପର୍କରେ ସମୀକ୍ଷା ଲାଗି ଜଳେଶ୍ୱରରେ ପହଞ୍ଚିଥିଲେ ୫-ଟି ପ୍ରତିନିଧି। ଏହି ପ୍ରତିନିଧି ଦଳରେ ବିଦ୍ୟାଧର ବାସ୍କେ ଓ ଖିରାବ୍ଦିତନୟା ବିଶୋଇ ଆସି ଖୁଲୁଡା ଜଳେଶ୍ୱରର ଶୀତଳା ହାଇସ୍କୁଲ, ଲକ୍ଷ୍ମଣନାଥ ହାଇସ୍କୁଲ, ଖୁଆଡ ଦୀନକୃଷ୍ଣ ହାଇସ୍କୁଲ ଓ ଓଲମରା ହାଇସ୍କୁଲ ବୁଲି ଦେଖିଛନ୍ତି। ପ୍ରତିନିଧି ଦଳ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଓ ପୁରାତନ ଛାତ୍ର ସଂସଦ ସହ ପୃଥକ ଭାବେ ଭେଟି ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଖୁଲୁଡା ଶୀତଳା ହାଇସ୍କୁଲ ବାଲେଶ୍ୱର ଜିଲାରେ ଏକ ଉଦାହରଣ ସୃଷ୍ଟି କରିଥିବାରୁ ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତିଙ୍କ ସହିତ ସଫଳତା ଓ ବିଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିନିଧିଙ୍କ ଏହି ଗସ୍ତ ବେଳେ ମୋ ସ୍କୁଲ ଅଭିଯାନର ବ୍ଲକ ସଂଯୋଜକ ହରେନ୍ଦ୍ର ମହନ୍ତ, ସହକାରୀ ଯନ୍ତ୍ରୀ ବିକ୍ରମ କେଶରୀ ଜେନା, ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଜେନା, ପୁରାତନ ଛାତ୍ର ଜ୍ୟୋତିର୍ମୟ ଆଚାର୍ଯ୍ୟ, ଗୁରୁପ୍ରସାଦ ଗିରି, ହରିଶଙ୍କର ଗିରି, ଚୈତନ୍ୟ ଜେନା, ରଜନୀକାନ୍ତ ଦେ, ଅଶ୍ୱିନୀ ମହାପାତ୍ର, ଜ୍ୟୋସ୍ନାରାଣୀ ସାମଲ, ଅଞ୍ଜନ କୁମାର ପ୍ରଧାନ, ସଞ୍ଜୀବ କୁମାର ଗିରି, ମୌସୁମୀ ଗୁପ୍ତା, ଦୀପକ ପାତ୍ର ଓ କମଳାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତାଙ୍କୁ ସଂଘବଦ୍ଧ ଆକ୍ରମଣ

ପାଟଣା,୭।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଗୁଲୁଦି ପଶି ଗ୍ରାମରେ ଜଣେ ଖବରଦାତାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଗାଳିଗୁଲଜ ସହ ଦୁର୍ବୃତ୍ତ ହତ୍ୟା ଧମକ ଦେଇଥିବା ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଗ୍ରାମର ଦଶରଥ ବାରିକ ଏକ ୱେବ ଚ୍ୟାନେଲର ଜିଲା ପ୍ରତିନିଧିଭାବେ କାର୍ଯ୍ୟ କରୁଛନ୍ତି। ଗତ ଡିସେମ୍ବର ୨୭ରେ ପାଟଣା ବ୍ଲକ୍ କ୍ଷୀରେଇ ଟାଙ୍ଗିରୀ ଅଞ୍ଚଳର ଏକ କୋଠାରେ ସେକ୍ସ ରାକେଟ ଚାଲିଥିବା ନେଇ ଖବର ପ୍ରସାରଣ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ୨ ମହିଳା, ୨ ଯୁବତୀଙ୍କ ସମେତ ୭ ଜଣ ଗୁରୁବାର ତାଙ୍କ ଘରେ ପଶି ମାଡ଼ ମାରିବା ସହ ମୋବାଇଲ ଭାଙ୍ଗି ଦେଇଥିଲେ। ଖବର ପ୍ରସାରଣ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଖବରଦା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ନଂ. ୨/୨୩ ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

## ଖେଳକୁଦ ପ୍ରତିଯୋଗିତା: ଭାଗନେଲେ ୩ ଶହ ପ୍ରତିଯୋଗୀ

ବନ୍ତ,୭।୧(ଡି.ଏନ୍.ଏ)

ହକି ବିଶ୍ୱକପ୍ ଉପଲକ୍ଷେ ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ଖେଳପଡ଼ିଆରେ ଦୁଇଦିନିଆ ଜୋନ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ କନିଷ୍ଠ ବର୍ଗରେ ୫୪ ଉ.ପ୍ରା. ବିଦ୍ୟାଳୟର ୩ଶହ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜୋନ୍ କ୍ରୀଡ଼ା ସମ୍ପାଦକ ମନୋଜ କୁମାର ଶଙ୍ଖୁଆଙ୍କ ତତ୍ତ୍ୱାବଧାନ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥସୁନ୍ଦର ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ବିଡିଓ ପ୍ରଦୀପ କୁମାର ସେଠୀ, ବ୍ଲକ ଶିକ୍ଷାଧିକାରୀ ମଞ୍ଜୁଳାବାଳା ନାୟକ, ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ, ଅବସରପ୍ରାପ୍ତ କାରାଧିକାରୀ ବାବାଜୀ ଚରଣ ଜେନା, ସମିତିସଭ୍ୟ ପରମେଶ୍ୱର ବାରିକ, ଉଦ୍ଧବ ଚରଣ ସେଠୀ, ସରପଞ୍ଚ ରଜନୀ ସେଠୀ, ପୂର୍ବତନ ସରପଞ୍ଚ ଅଶୋକ କୁମାର ମହାନ୍ତି, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଜେନା ଓ ଉତ୍ତମ କୁମାର ଦତ୍ତ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ରତିକାନ୍ତ ପଣ୍ଡା ଅତିଥି ପରିଚୟ, ଜଗନ୍ନାଥ ଦ୍ୱିବେଦୀ ବେଦପାଠ ଓ ସିଆର୍‌ସିସି ସୁକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବଟକୃଷ୍ଣ ମହାନ୍ତି, ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ସେଠୀ, ନୀଳକଣ୍ଠ ମିଶ୍ର, ବାଇଧର ରାଜ, ସୁଶାନ୍ତ ସାହୁ, ପଦ୍ମନାଭ ନାୟକ, ପର୍ଶୁରାମ ବାରିକ, ପୂର୍ଣ୍ଣଚନ୍ଦ୍ର ସେଠୀ ଓ ନବ କିଶୋର ଜେନା ସହଯୋଗ କରିଥିଲେ। ଶିକ୍ଷକ ଧୀରେନ କୁମାର ଷଡ଼ଙ୍ଗୀ, ସହଦେବ ବେହେରା, ଡଲିରାଣୀ ଦାସ, ବିଦ୍ୟୁତଲତା ଦାସ, ସେକ୍ ଆଜାରଉଦ୍ଦୀନ, ରାମନାରାୟଣ ମିଶ୍ର, ଉମାକାନ୍ତ ଜେନା, ବିଜୟଲକ୍ଷ୍ମୀ ମଲ୍ଲିକ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ନୂଆ ରୂପରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



ନବୀକରଣ କାର୍ଯ୍ୟର ଉଦ୍‌ଘାଟନୀ ଉତ୍ସବରେ ଅତିଥିବୃନ୍ଦ।

ଖଇରା, ୭।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ ପରେ ରୋଗୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଶୁକ୍ରବାର ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ ସନ୍ତୋଷ ପ୍ରକାଶ କରିବା ସହ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଣେଶ ମୂର୍ତ୍ତୀ ପ୍ରତିଷ୍ଠା କରାଯାଇଥିବା ବେଳେ ବିଧାୟକ ପୂଜାର୍ଚ୍ଚନା ପରେ ଏହାର ଅନାବରଣ କରିଛନ୍ତି।

## ଚାଲାଣ ବେଳେ ୧୪ ଗୋରୁ ଉଦ୍ଧାର

### ପିକ୍‌ଅପ୍ ଜବତ, ଚାଳକ ଫେରାର

ପଦ୍ମପୁର, ୭।୧ (ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ବାରିକଛକଠାରୁ ଶନିବାର ସକାଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସାବରଙ୍ଗ ପୋଲିସ ଜବତ କରିଛି। ସକାଳେ ବେନ୍ତାଳ ଆଡୁ ଏକ ଧଳା ପିକଅପ୍ ଆସୁଥିବା ବେଳେ ଏଏସ୍‌ଆଇ ବିଷ୍ଣୁଚରଣ ନାୟକ ଓ କନଷ୍ଟେବଲ ସଞ୍ଜୟ କୁମାର ଦେହୁରୀ ଇଚ୍ଛାପୁର-ବାରିକଛକଠାରେ ଅଟକାଇଥିଲେ। ପିକ୍‌ଅପ୍‌ରେ ୧୪ ଗୋରୁଙ୍କୁ ଅମାନୁଷିକ ଭାବେ ବୋଝେଇ କରି ଚାଲାଣ ପାଇଁ ନିଆଯାଉଥିଲା। ପୋଲିସକୁ ଦେଖି ଚାଳକ ଗାଡ଼ିକୁ ଷ୍ଟାର୍ଟ ଅବସ୍ଥାରେ ରଖି ଦୌଡ଼ି ପଳାଇଥିଲେ। ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲା। ଉଦ୍ଧାର ଗୋରୁଙ୍କୁ ମଇତାପୁରସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଛି। ଗାଡ଼ି ମାଲିକଙ୍କ ନାଁରେ ଏକ ମାମଲା (ନଂ. ୩/୨୩) ରୁଜୁ କରାଯାଇଥିବା ବେଳେ ତଦନ୍ତକାରୀ ଅଧିକାରୀ ଯତୀନ୍ଦ୍ର ନାଥ ସିଙ୍କୁ ଘଟଣାର ତଦନ୍ତ କରୁଛନ୍ତି।

## ନବନିଯୁକ୍ତ ପ୍ରମୁଖ ଉପଦେଷ୍ଟାଙ୍କୁ ସମ୍ବର୍ଦ୍ଧନା

### ବିଜୁ ସେତୁ ଯୋଜନା

କରଞ୍ଜିଆ,୭।୧(ଡି.ଏନ୍.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନାରେ ପ୍ରମୁଖ ଉପଦେଷ୍ଟା ଭାବେ କରଞ୍ଜିଆ ବିଜେଡି ନେତା ତଥା ବିଜେଡି ରାଜ୍ୟ ସମ୍ପାଦକ ଦିଲୀପ ସାହୁ ନିଯୁକ୍ତି କରାଯାଇଛି। ଏନେଇ ଶନିବାର ଏନ୍‌ଏସି ଅଧ୍ୟକ୍ଷା ପପି ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ପରିଷଦର ସ୍ୱତନ୍ତ୍ର ବୈଠକରେ ଦିଲୀପଙ୍କୁ ସମ୍ବର୍ଦ୍ଧନା ଜଣାଯାଇଛି। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁଡ୍ରା ହେମ୍ବ୍ରମ, ଉପାଧ୍ୟକ୍ଷ ସ୍ୱରୂପ ପରିଜା, ବିଧାୟିକାଙ୍କ ପ୍ରତିନିଧି ଭାବେ ବରିଷ୍ଠ ନେତା ଗିରିଧାରୀ ପୃଷ୍ଟି, ବିଜେଡିର କାଉନ୍‌ସିଲର ବିଶ୍ୱଜିତ୍ ଚୌଧୁରୀ, ବିବେକାନନ୍ଦ ଦାସ,ବିଜେଡି ଜିଲା ଉପସଭାନେତ୍ରୀ ନାମିତା ଘାଣ୍ଟିଆଳିଙ୍କ ସମେତ ବିଜେଡିର ସମସ୍ତ କାଉନସିଲର ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ।



ପ୍ରମୁଖ ଉପଦେଷ୍ଟାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଚାଇଁପୁର ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି

ବନ୍ତ,୭।୧(ଡି.ଏନ୍.ଏ)

ଭଦ୍ରକ ଜିଲା ବନ୍ତ ବ୍ଲକ ଚାଇଁପୁର ସେବା ସମବାୟ ସମିତିରେ ଶୁକ୍ରବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ସଭାପତି ଅଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡିଓ ପ୍ରଦୀପ କୁମାର ସେଠୀ, ଅତିରିକ୍ତ ତହସିଲଦାର ବୀନିତାରାଣୀ କିସ୍କୁ, ସହକାରୀ ଜିଲା ଯୋଗାଣ ଅଧିକାରୀ କେଦାର ନାଥ ନାୟକ, ବିବିସିସି ବ୍ୟାଙ୍କ ବନ୍ତ ଶାଖା ପରିଚାଳକ କିଶୋର ରଞ୍ଜନ ପାଣିଗ୍ରାହୀ ଓ ସମିତିର ଉପସଭାପତି କମଳା ନାୟକ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭ୍ୟ ସଞ୍ଜୟ କୁମାର ମଜୁମଦାର, ସମିତିର ଧାନକ୍ରୟ ଅଧିକାରୀ ଶୁଭେନ୍ଦୁ ପ୍ରଧାନ, ଇନ୍ଦ୍ରମଣି ସେଠୀ, ଗୌରାଙ୍ଗ ବେହେରା, ହିମାଂଶୁ ନାୟକ, ହୃଦାନନ୍ଦ ନାୟକ, ବାପି ନାୟକ, କୌଶିକ ଜେନାଙ୍କ ସମେତ ସମସ୍ତ ସଭ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। କର୍ମଚାରୀ ଅଶୋକ କୁମାର ସାହୁ, କାମିନୀକାନ୍ତ ପଣ୍ଡା, ଅଭୟ ପତି ଓ ଡିଇଓ ଚନ୍ଦନ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭଦ୍ରକ କଲେଜ ଖେଳ ପଡ଼ିଆରେ ପାଳନ ହେବ ସାଧାରଣତନ୍ତ୍ର ଦିବସ


ପ୍ରସ୍ତୁତି ବୈଠକରେ ସିଟି ଡିଏସ୍‌ପିଙ୍କ ସହ ଅଧିକାରୀମାନେ।

ଭଦ୍ରକ ଅଫିସ, ୭।୧

ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଭଦ୍ରକ ସଂସ୍କୃତି ଭବନରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ନେହେରୁ ଷ୍ଟାଡିୟମରେ ଜିଲା ମହୋତ୍ସବ 'ଭଦ୍ରାୟଣୀ' ସହ ପଲ୍ଲିଶ୍ରୀ ମେଳା ଆୟୋଜନ ସମ୍ପର୍କରେ ଜିଲାପାଳ ସୂଚନା ପ୍ରଦାନ କରିଥିଲେ। ନେହେରୁ ଷ୍ଟାଡିୟମରେ 'ଭଦ୍ରାୟଣୀ' ଆୟୋଜିତ ହେଉଥିବାରୁ ଭଦ୍ରକ କଲେଜ ଖେଳପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପରିକ୍ରମା, ପୌରାଞ୍ଚଳରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍କୁଲ ପିଲାଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ ପରେ ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଓ ରୋଗୀମାନଙ୍କୁ ଫଳ ବଣ୍ଟନ, ସଂସ୍କୃତି ଭବନଠାରେ ଚିତ୍ରକଳା ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମ ଆୟୋଜନ ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲାପାଳ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରାଞ୍ଚଳ ଅବକାରୀ ଚଢ଼ାଉ, ଜଣେ ଗିରଫ

ସୋର, (ଡି.ଏନ.ଏ.)-କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ସୋର ଥାନା ଅଲିପୁର ଛକ ନିକଟରେ ଚଢ଼ାଉ କରାଯାଇ ଏକ ନମ୍ବର ବିହୀନ ବାଇକ ସହ ଦେଶୀମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଯୁବକ ହେଲେ ସୋର ପୌରପାଳିକା ଖଣ୍ଡା ସାହି ଗ୍ରାମର ଶଶିକାନ୍ତ ସିଂ (୪୭)। ଶନିବାର ଅପରାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସ୍ଆଇ ଆଲୋକ ପ୍ରଧାନ, ରମେଶ ଚନ୍ଦ୍ର ବାରିକ, କନଷ୍ଟେବଲ ରାଜେଶ କିଷାନ, ବସନ୍ତ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# ଆଜିଠୁ ଗଙ୍ଗାସାଗର ମେଳା

**ଭୋଗରାଇ, ୭।୧(ଡି.ଏନ.ଏ.)**

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପର ଗଙ୍ଗାସାଗର ମେଳା ରବିବାରଠାରୁ ସରକାରୀ ଭାବେ ଶୁଭାରମ୍ଭ ହେବ। କୋଭିଡ୍ ସଂକ୍ରମଣକୁ ସତର୍କ ଦୃଷ୍ଟିରେ ରଖି ଏହି ପ୍ରସିଦ୍ଧ ମେଳାରେ ବ୍ୟାପକ ସାନିଟାଇଜେଶନ୍ କରାଯିବା ସହିତ ମେଳାକୁ ତୀର୍ଥଯାତ୍ରୀଙ୍କ ସକାଶେ ପ୍ରତ୍ୟେକଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ମାସ୍କ ପରିଧାନ ବାଧ୍ୟତାମୂଳକ କରାଯାଇଛି। ଗଙ୍ଗାସାଗରରେ ଲକ୍ଷାଧିକ ତୀର୍ଥଯାତ୍ରୀଙ୍କ ନିମନ୍ତେ ୧୧ଲକ୍ଷରୁ ଉର୍ଦ୍ଧ୍ୱ ଶୌଚାଗାର ସହ ଲକ୍ଷାଧିକ ବାସସ୍ଥାନ, ଅସ୍ଥାୟୀ ହୁଗୁଳା ଘର ନିର୍ମାଣ ହୋଇଛି। ଭାରତର ବିଭିନ୍ନ ରାଜ୍ୟରୁ ୩୦ଲକ୍ଷରୁ ଉର୍ଦ୍ଧ୍ୱ ତୀର୍ଥଯାତ୍ରୀ ଆଗମନର ସୂଚନା ମିଳିବା ପରେ ପ୍ରଶାସନ ତତ୍ପର ହୋଇପଡ଼ିଛି।

ସାଗର ମେଳା ପ୍ରବେଶ ପଥରେ ମେଟାଲ୍ ଡିଟେକ୍ଟର ସହ ଲଟ ନଂ.-୮, ନାମଖାନା, କାକଦ୍ୱୀପ, କଚୁବେଡ଼ିଆ, ଚେମାଗଡ଼ି, ଭାରତ ସେବା ଶ୍ରମ ସଂଘ ଶଙ୍କରାଚାର୍ଯ୍ୟ ଆଶ୍ରମ, କପିଳମୁନି ମନ୍ଦିର ଏବଂ ଭିଆଇପି ସ୍ଥାନଗୁଡ଼ିକରେ ୧୧୫୦ଟି ସିସି କ୍ୟାମେରା, ୨୨ଟି ଡ୍ରୋନ୍, ୪ଟା ଜଳ ଆମ୍ବୁଲାନ୍ସ, ଗୋଟିଏ ଆକା ପଥ ଆମ୍ବୁଲାନ୍ସ, ୮ହଜାରରୁ ଉର୍ଦ୍ଧ୍ୱ ପୋଲିସ, ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ସ୍କ୍ୱାର୍ଡ଼, ସହ ସାଗର ବନ୍ଧୁ ନାମିତ ୮ଶହ ଜଣିଆ ଟିମ୍ ପ୍ରସ୍ତୁତ ରହି ପୁଣ୍ୟାର୍ଥୀଙ୍କୁ ସାହାଯ୍ୟ ସହଯୋଗ ଓ ନଜର ରଖାଯାଇଥିବାର ଜିଲାପାଳ ସୁମିତ ଗୁପ୍ତା 'ଧରିତ୍ରୀ'କୁ ସୂଚନା ଦେଇଛନ୍ତି। ଏଥିସହିତ କୋଲକାତାରୁ ଗଙ୍ଗାସାଗର ତୀର୍ଥଯାତ୍ରୀଙ୍କ ପାଇଁ ୨ହଜାର ବସ୍, ଜଳପଥ ମୁଡ଼ିଗଙ୍ଗା ନଦୀ ପାର ହେବାକୁ ୧୦୦ଟି ଲଞ୍ଚ, ୩୨ଟି ଭେସେଲ୍‌ର ବ୍ୟବସ୍ଥା କରାଯାଇଛି।

ମେଳା ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩୨ଟି ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ବେଳେ ସୁନ୍ଦରବଣ ଉନ୍ନୟନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବଙ୍କିମ ହାଜିରାଙ୍କୁ ଦାୟିତ୍ୱ ଦେଇଛନ୍ତି। ଏବେଠୁ ଗଙ୍ଗାସାଗର ମେଳାରେ ବହୁ ସାଧୁ, ସନ୍ଥ, ସନ୍ୟାସୀଙ୍କ ଆଗମନ ହୋଇଥିବା ବେଳେ ମେଳାର ୫ଟି ସ୍ଥାନରେ ୨୪ ଘଣ୍ଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଇଛି। ୪କିମି ବ୍ୟାସାର୍ଦ୍ଧ ଗଙ୍ଗାସାଗର ବେଳାଭୂମିକୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ମେଳାରେ ତୀର୍ଥଯାତ୍ରୀଙ୍କ ଆକସ୍ମିକ ମୃତ୍ୟୁ ଘଟିଲେ ୫ ଲକ୍ଷ ଟଙ୍କାର ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ରସଲପୁର-ମୟାଗାଳିନୀ ଯାତ୍ରୀବାହୀ ଲଞ୍ଚ ଫେରିଘାଟ ସୋମବାର ଠାରୁ ସରକାରୀ ଭାବେ ବନ୍ଦ କରାଯାଇଛି। ଏହି ପ୍ରସିଦ୍ଧ ମେଳା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।


ଗଙ୍ଗାସାଗର ମେଳାରେ ତୀର୍ଥଯାତ୍ରୀଙ୍କ ବାସସ୍ଥାନ ନିମନ୍ତେ ଲକ୍ଷାଧିକ ଅସ୍ଥାୟୀ ହୁଗୁଳା ଘର।

- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ୧୪, ୧୫ରେ ପୁଣ୍ୟସ୍ନାନ
- ୯ରୁ ରସଲପୁର-ମାୟାଶାଳିନୀ ଯାତ୍ରୀ ଫେରିଘାଟ ବନ୍ଦ

## ସଂକ୍ଷେପରେ

### ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ବାଲେଶ୍ୱର ଅଫିସ, ୭।୧-ବାଲେଶ୍ୱର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ୫ମ ରାଷ୍ଟ୍ରୀୟ ପୋଷଣ ମାସ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପୋଷକ ଖାଦ୍ୟ ସମାଗ୍ରୀକୁ ନେଇ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସଦର ବିଧାୟକ ସ୍ୱରୂପ କୁମାର ଦାସ ଉଦ୍‌ଘାଟନ କରି ଏ ସମ୍ପର୍କରେ ମହିଳାଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ସେ ମତପ୍ରକାଶ କରିଥିଲେ। ସଚେତନତା ସଭାରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ବିଶିଷ୍ଟ ଶିଶୁ ବିଶେଷଜ୍ଞ ମୀନାକ୍ଷୀ ରାୟ ପ୍ରମୁଖ ଯୋଗଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ପରିଚାଳନା କରିଥିଲେ।

### ନିଆଁ ପୋଇଁବା ବେଳେ ପୋଡ଼ି ବୃଦ୍ଧା ଗୁରୁତର

ଖୁଣ୍ଟା,୭।୧(ଡି.ଏନ୍.ଏ): ଶୀତ ଦାଉରୁ ରକ୍ଷା ପାଇଁ ନିଆଁ ପୋଉଁଥିବା ବେଳେ ନିଆଁ ଲାଗି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧା ଖୁଣ୍ଟା ଥାନା ଅଧୀନସ୍ଥ ଭୋଲା ଗଡ଼ିଆ ପଞ୍ଚାୟତର ନୂଆଗାଁର ଗୁରୁବାରୀ ବେହେରା (୮୦)। ତାଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ପିଆରଏମ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାରୀ ଶନିବାର ପ୍ରାତଃ ସମୟରେ ଶୀତଦାଉରୁ ରକ୍ଷା ପାଇବା ପାଇଁ ନିଆଁ ନିକଟରେ ବସିଥିଲେ। କୌଣସି କାରଣରୁ ପିନ୍ଧିଥିବା ପୋଷାକ ସହ ଶରୀରରେ ନିଆଁ ଲାଗି ଯାଇଥିଲା। ବୃଦ୍ଧାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଆସି ନିଆଁ ଲିଭାଇ ଥିଲେ। ନିଆଁ ଲିଭାଉଥିବା ବେଳେ ଗୁରୁବାରୀଙ୍କ ସମ୍ପର୍କୀୟ ବିଷ୍ଣୁ ବେହେରା (୨୫) ମଧ୍ୟ ଆହତ ହୋଇଥିଲେ। ପରବର୍ତ୍ତି ସମୟରେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜରେ ଭର୍ତ୍ତି କରାଇଛି। ତେବେ ଗୁରୁବାରୀ ଗୁରୁତର ଥିବା ବେଳେ ତାଙ୍କ ଶରୀରର ଅଣ୍ଟା ପାଖରୁ ପାଦ ପର୍ଯ୍ୟନ୍ତ ସମସ୍ତ ଅଂଶ ପୋଡ଼ି ହୋଇଯାଇଥିବା ଜଣାଯାଇଛି।

### ସ୍ତ୍ରୀ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ

କେନ୍ଦୁଝର,୭।୧(ସ୍ୱ.ପ୍ର.) : କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ କୁଟୁଗାଁ ପଞ୍ଚାୟତ ହାତିଦରି ଗ୍ରାମରେ ସ୍ତ୍ରୀ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ରାଜୁ ମୁଣ୍ଡା। ଗୁରୁବାର ରାତିରେ ଏହି ଘଟଣା ଘଟିଥିବା ବେଳେ ମୃତ ରାଜୁଙ୍କ ସ୍ତ୍ରୀ ସୁମିଙ୍କୁ ପୋଲିସ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଲୁହାରଡ୍ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ରାତିରେ ମଦ ନିଶାରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଥିଲା। ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ସୁମି ଏକ ଲୁହା ରଡ୍‌ରେ ରାଜୁଙ୍କ ମୁଣ୍ଡ ପଛପଟକୁ ଶକ୍ତ ପ୍ରହାର କରିଥିଲେ। ରାଜୁ ଚେତାଶୂନ୍ୟ ହୋଇ ପଡ଼ିବା ପରେ ସୁମି ଏ ସମ୍ପର୍କରେ କାହାରିକୁ ଜଣାଇ ନ ଥିଲେ। ପରଦିନ ସେ ମରିଯାଇଥିବା ଜାଣି ପାରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଲୋକେ ଏ ସମ୍ପର୍କରେ ଜାଣିବାକୁ ପାଇ ବାମେବାରୀ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଏକ ହତ୍ୟା ମାମଲା (ନଂ. ୬/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ତାର ଚୋରି, ୨ ଗିରଫ

ପଦ୍ମପୁର, ୭।୧ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ପୋଲିସ ବିରସଠାରୁ ତାର ଚୋରି କରି ପିକ୍‌ଅପ୍ ଭ୍ୟାନ୍‌ରେ ନେଉଥିବା ସମୟରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବନ୍ତ ଥାନା ଅଧୀନ ଚାନ୍ଦିପୁର ଗ୍ରାମର ସେକ ଅବଦୁଲ ମଜିଦ ଖାନ ଓ ସନ୍ତୋଷ ଦାସ। ସୂଚନା ଅନୁଯାୟୀ, ବିରସ ଛକଠାରେ ଆଖଣ୍ଡଳମଣି କନ୍‌ଷ୍ଟ୍ରକ୍ସନ କମ୍ପାନୀ ତା'ର ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ଗଚ୍ଛିତ ରଖି କାମ କରୁଥିଲା। କର୍ମଚାରୀମାନେ ଅନ୍ୟତ୍ର କାମ କରୁଥିବା ସୁଯୋଗ ନେଇ ଚୋରମାନେ ବିଭିନ୍ନ ସମୟରେ ସେଠାରୁ ତାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ତାକୁ କାଟି ବିକ୍ରି କରୁଥିଲେ। କୌଣସି ସୂତ୍ରରୁ ଚୋରି ସମ୍ପର୍କରେ ଖବରପାଇ କୌଣସି ସୂତ୍ରରୁ ଖବର ପାଇ ଥାନା ଏଏସ୍‌ଆଇ ସୁନାରାମ ମାରାଣ୍ଡି, କନଷ୍ଟେବଲ ନିରଞ୍ଜନ ନାୟକ, ଲେମନ ପୂର୍ତ୍ତି, ଅକ୍ଷୟ ବାରିକ ପ୍ରମୁଖ ପହଞ୍ଚି ସେମାନଙ୍କୁ ଘେରିଯାଇ କାବୁ କରିଥିଲେ। ସେମାନଙ୍କଠାରୁ ୩ଶହ ମିଟରରୁ ଉର୍ଦ୍ଧ୍ୱ ତାର ଜବତ କରାଯାଇଛି। ଥାନାରେ ଏନେଇ ମାମଲା (ନଂ. ୨/୨୩) ରୁଜୁ ହୋଇଛି।

## ମାନବଶୃଙ୍ଖଳରେ ହକି ବିଶ୍ୱକପ ପ୍ରତୀକ


ଝାରପୋଖରିଆସ୍ଥିତ ସୀମାନ୍ତ କଲେଜ ପଡିଆରେ ହକି ବିଶ୍ୱକପ୍ ଉପଲକ୍ଷେ ଆୟୋଜିତ ମାନବଶୃଙ୍ଖଳ।

**ସାରସକଣା,୭।୧(ଡି.ଏନ.ଏ.):** ହକି ବିଶ୍ୱକପ୍ ଉପଲକ୍ଷେ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ରାଲି କରାଯାଇଥିଲା। କଲେଜ ଖେଳପଡ଼ିଆରେ ଛାତ୍ରୀଛାତ୍ର ଏକ ମାନବଶୃଙ୍ଖଳରେ ଛିଡ଼ା ହୋଇ ହକି ବିଶ୍ୱକପ୍‌ର ପ୍ରତୀକ ଚିତ୍ର ମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ପାଇଁ ହସ୍ତାକ୍ଷର ସଂଗ୍ରହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ନଳିନୀ ରଞ୍ଜନ ସେନାପତି ସମସ୍ତ ସହକର୍ମୀ ଓ ଛାତ୍ରୀଛାତ୍ରଙ୍କ ସହ ଶୁଭେଚ୍ଛା ଜଣାଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ବସନ୍ତ


@ଯଶୋଦା


@ପ୍ରିୟବ୍ରତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## 'ଭୂତତ୍ତ୍ୱ ବିଜ୍ଞାନରେ କ୍ଷେତ୍ର ପ୍ରଶିକ୍ଷଣର ଗୁରୁତ୍ୱ ଅଧିକ'

**ବାଲେଶ୍ୱର ଅଫିସ, ୭।୧**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ୪ ଦିନିଆ କ୍ଷେତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଭୂତତ୍ତ୍ୱ ବିଜ୍ଞାନରେ କ୍ଷେତ୍ର ପ୍ରଶିକ୍ଷଣର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଭୂବିଜ୍ଞାନୀ ଅନୁଷ୍ଠାନ ଓଡ଼ିଶା ତରଫରୁ ପରିଚାଳନା କରାଯାଇଥିଲା। ଭୂବିଜ୍ଞାନୀ ଅନୁଷ୍ଠାନ ଓଡ଼ିଶା ତରଫରୁ ଜିଏସ୍‌ଆଇ ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଜେନେରାଲ ଡ. ଜୟନ୍ତ କୁମାର ନନ୍ଦ, ଜିଏସ୍‌ଆଇ ଅବସରପ୍ରାପ୍ତ ଭୂବିଜ୍ଞାନୀ ଡ. ଚିତ୍ତରଞ୍ଜନ ଦାସ, ଜିଏସ୍‌ଆଇ ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଜେନେରାଲ ଡ. ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଭୂତତ୍ତ୍ୱ ବିଜ୍ଞାନର ୪୩ଜଣ ଛାତ୍ରୀଛାତ୍ର ଯୋଗଦେଇ ନିକଟସ୍ଥ ମିତ୍ରପୁର ପାହାଡ଼, ସ୍ୱର୍ଣ୍ଣଚୂଡ଼ ପାହାଡ଼, ଭାଲୁକାଶୁଣି ପାହାଡ଼, ପଞ୍ଚଲିଙ୍ଗେଶ୍ୱର ପାହାଡ଼ ପ୍ରମୁଖ ବୁଲି ଏହାର ଭୂତାତ୍ତ୍ୱିକ ଦିଗ ଉପରେ ଜ୍ଞାନ ଆହରଣ କରିଥିଲେ। ଉଦ୍‌ଯାପନୀ ସଭାରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଯୋଗଦେଇ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଏବଂ ଭୂବିଜ୍ଞାନୀ ଅନୁଷ୍ଠାନ ଓଡ଼ିଶାର ଏହି ଅଭିନବ ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ବିଭାଗୀୟ ମୁଖ୍ୟ ଡ. ରୋଜାଲିନ ଦାସ ରିପୋର୍ଟ ପ୍ରଦାନ କରିଥିଲେ। ସହକାରୀ ପ୍ରାଧ୍ୟାପକ ଡ. ଅସୀମ ଅମିତାଭ ପରିଚାଳନା କରିଥିବା ବେଳେ ପ୍ରଥମବର୍ଷ ଛାତ୍ରୀ ପ୍ରୀତିକା ସ ଧନ୍ୟବାଦ ଦେଇଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଦୁର୍ଘଟଣାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ପାଟଣା,୭।୧(ସ୍ୱ.ପ୍ର):** କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କୁମୁଳା ବାହାଳୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ବାଲିପଶି ଗ୍ରାମର ରଞ୍ଜିତା ବେହେରା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଶିକ୍ଷୟିତ୍ରୀ ଶନିବାର ସ୍କୁଲ ସାରି ଘରକୁ ନିଜ ସ୍କୁଟିରେ ଫେରୁଥିଲେ। ଗୋପୀନାଥପୁର ନିକଟରେ ଏକ ବାଇକ ସହ ତାଙ୍କ ସ୍କୁଟି ମୁହାଁମୁହିଁ ହୋଇଥିଲା। ତଳେ ପଡ଼ିଯାଇ ଶିକ୍ଷୟିତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶିକ୍ଷୟିତ୍ରୀ ଜଣକ ଗର୍ଭବତୀଥିବା ଜଣାପଡ଼ିଛି।

## 'ରାଷ୍ଟ୍ର ଉନ୍ନତିରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୭।୧**

ରାଷ୍ଟ୍ର ଉନ୍ନତିରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦାନ କରି ଭଲ ମଣିଷ ଭାବେ ଗଢ଼ିଥାନ୍ତି ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ୭୮ତମ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶହୀଦ ସ୍ମୃତି ଭବନରେ ଫେଡେରେଶନର ଭଦ୍ରକ ଶାଖା ପକ୍ଷରୁ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରଫୁଲ୍ଲ ସାମଲ, ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ମୁଖ୍ୟବକ୍ତା ନିଖିଳ ଉତ୍କଳ ରାଜ୍ୟ ଶାଖା ସଭାପତି ହୃଦାନନ୍ଦ ଦ୍ୱିବେଦୀ ଏବଂ ଅନ୍ୟତମ ବକ୍ତା ଭାବେ ଫେଡେରେଶନର ରାଜ୍ୟ ଶାଖାର ପୂର୍ବତନ ମହାସଚିବ ରବୀନ୍ଦ୍ର ନାଥ ଜେନା, ଉପସଭାନେତ୍ରୀ ସଙ୍ଗୀତା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଶାଖା ସଭାପତି ବାବୁଲା ରାଉତ ସଭାପତିତ୍ୱ କରିଥିଲେ। ସମ୍ପାଦକ ମନୋରଞ୍ଜନ ନାୟକ, ସଙ୍ଗଠନ ସମ୍ପାଦକ ସମୀର କୁମାର ଜେନା, ମୁଖ୍ୟ ଉପଦେଷ୍ଟା ଚାରୁଲତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭଦ୍ରକ-ପୁରୀ ମେମୋ ଚଳାଚଳ ଦାବିରେ ରେଳରୋକୋ

**ଭଦ୍ରକ ଅଫିସ, ୭।୧**

ଭଦ୍ରକ-ପୁରୀ ମେମୋ ଟ୍ରେନ୍ ଚଳାଚଳ ଦାବିରେ ପୂର୍ବତନ ବିଧାୟକ ନରେନ ପଲେଇଙ୍କ ନେତୃତ୍ୱରେ ଶନିବାର ୧ ଘଣ୍ଟିଆ ରେଳରୋକୋ କରାଯାଇଛି। ରେଳ ଷ୍ଟେଶନର ଦକ୍ଷିଣପାର୍ଶ୍ୱ ଲେଭଲକ୍ରସିଂ ଡଗରାସାହି ନିକଟରେ ସକାଳ ୭ଟାରୁ ୮ଟା ଯାଏ ରେଳରୋକୋ କରାଯାଇଥିଲା। ନରେନଙ୍କ ସମର୍ଥକଙ୍କ ସମେତ ସ୍ଥାନୀୟ ଲୋକେ ଏଥିରେ ସାମିଲ ଥିଲେ। ୭ମାସ ଆନ୍ଦୋଳନ ପରେ ଭଦ୍ରକରୁ ପୁରୀ ଅନୁମୋଦିତ ଟ୍ରେନ୍ ଜଳେଶ୍ୱରକୁ ସମ୍ପ୍ରସାରିତ କରାଯାଇ ଭଦ୍ରକବାସୀଙ୍କ ପ୍ରତି ଅନ୍ୟାୟ କରାଯାଇଛି। ଜିଲାବାସୀଙ୍କ ସ୍ୱାର୍ଥକୁ ରେଳ ବିଭାଗ ଅଣଦେଖା କରି ଜିଲା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଥିବା ନରେନ କହିଥିଲେ। ଭଦ୍ରକ-ପୁରୀ ମେମୋ ଟ୍ରେନ୍ ନ ଚାଲିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି।


ଡଗରାସାହି ନିକଟରେ ରେଳରୋକୋ କରାଯାଇଛି।

## ଭକ୍ତଙ୍କ କଥା ଶୁଣି ବାପଘରକୁ ଫେରିଲେ ମା'

### ସରିଲା ଠାକୁରାଣୀଙ୍କ ଓଷା

**ଯୋଡ଼ା,୭।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ସହରର ଭୂୟାଁ ବସ୍ତିଠାରେ ପ୍ରସିଦ୍ଧ ଠାକୁରାଣୀ ଓଷା ଶୁକ୍ରବାର ଶେଷ ହୋଇଯାଇଛି। ଶେଷଦିନରେ ହଜାରରୁ ଉର୍ଦ୍ଧ୍ୱ ମାନସିକଧାରୀ ମା'ଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ଭକ୍ତଙ୍କ ଭଲମନ୍ଦ ବୁଝି ମା' ବାପଘରକୁ ଫେରିଥିବା ପୂଜକ କହିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ବସ୍ତ୍ର, ଅଳଙ୍କାର, ସିନ୍ଦୂର, ଅଳତା, ମୟୂର ପ୍ରଭୃତି ପୂଜା ସାମଗ୍ରୀ ନେଇ ସାହି ବସ୍ତିର ଲୋକେ ଉପବାସ କରି ଖାଲି ପାଦରେ ଅସେଇଁକଳାକୁ ଯାଇଥିଲେ। ୨ ସେବକ ପ୍ରଥମେ ଅସେଇଁକଳା ଗ୍ରାମକୁ ଯାଇ ମା'ଙ୍କ ଆଗମନର ସୂଚନା ଦେଇଥିଲେ। ଝିଅ ବିବାହ ପରି କୁମ୍ଭାର ପରିବାରର ରଣିଆ କୁହାଯାଉଥିବା ବିଗ୍ରହ ନିର୍ମାଣକାରୀ ସେବକ ମା'ଙ୍କ ବିଗ୍ରହକୁ ମଥାରେ ବୋହି ଗାଁ ମୁଣ୍ଡକୁ ଆଣି ଭଣ୍ଡାର ଘରିଆ ଓ ଦେହୁରୀଙ୍କୁ ହସ୍ତାନ୍ତର କରିଥିଲେ। ଶ୍ରଦ୍ଧାଳୁମାନେ ମା'ଙ୍କୁ ଆଣି କୋଠିଶାଳ କାଠ ସିଂହାସନରେ ଆରୂଢ଼ କରି ୯ଦିନ ପୂଜା କରିଥିଲେ। ଶେଷଦିନରେ ମା'ଙ୍କ ପୂଜାର୍ଚ୍ଚନା ପରେ ବିସର୍ଜନ କରାଯାଇଥିଲା। ଶ୍ରଦ୍ଧାଳୁ, ମାନସିକଧାରୀମାନେ ଦେହୁରୀ ଘରକୁ ଆସି ପଣା ପିଇ ଉପବାସ ଭଙ୍ଗ କରିଥିଲେ।

କୋଠିଶାଳର ଦେହୁରୀ ରମେଶ ଚନ୍ଦ୍ର ପାତ୍ର କୁହନ୍ତି, ପୌଷମାସରେ ବାପଘରୁ ମା' କୋଠିଶାଳକୁ ଭକ୍ତଙ୍କ ସୁଖ ଦୁଃଖ ଶୁଣିବାକୁ ଆସନ୍ତି। ଏହା ଠାକୁରାଣୀ ଓଷା ବା ଯାତ୍ରା ଭାବରେ ଅଞ୍ଚଳରେ ନାମିତ। ବର୍ତ୍ତମାନ କୋଠିଶାଳ ସ୍ଥାପନ ହୋଇଥିବା ସ୍ଥାନରେ ବହୁ ବର୍ଷ ପୂର୍ବରୁ ଗୁରୁଚରଣ ପାତ୍ର ଓ ତାଙ୍କ ସ୍ତ୍ରୀ ରହୁଥିଲେ। ସେମାନଙ୍କ ସନ୍ତାନ ଜନ୍ମର ୧୦ ବର୍ଷ ପରେ ମୃତ୍ୟୁ ଘଟିଥିଲା। ସନ୍ତାନହୀନ ଦମ୍ପତି ନିରାଶ ହୋଇ ଭଗବାନଙ୍କ ଭରସାରେ ରହିଥିଲେ। ଦିନେ ଘରେ ବସି ଚାଉଳ ବାଛୁଥିବା ବେଳେ ଦୁଇଟି ପାରା ତାଙ୍କ ନିକଟରେ ଆସି ବସିଲେ। ପରେ ଦୈନିକ ଏହି ପାରା ଦ୍ୱୟ ସେଠାକୁ ଆସିବାକୁ ଲାଗିଲେ ଓ ଶେଷରେ ସେହିଠାରେ ହିଁ ରହିଗଲେ। ଘଟଣା ପର ଦିନ ଦମ୍ପତିଙ୍କୁ ସ୍ୱପ୍ନାଦେଶ ହୋଇ ମା' ଠାକୁରାଣୀ ତାଙ୍କୁ ଅସେଇଁକଳାରୁ ଆଣି ଯୋଡ଼ାରେ ସ୍ଥାପନ କରିବାକୁ କହିଥିଲେ। ସେହି ଦିନଠାରୁ ଯୋଡ଼ାରେ ଠାକୁରାଣୀ ଓଷା ପର୍ବ ପାଳନ ହେଉଛି। ମାନସିକ କରି କୋଠିଶାଳରେ ମା'ଙ୍କ ଦର୍ଶନ କଲେ ମାନସିକ ପୂରଣ ହେଉଥିବା ବିଶ୍ୱାସ ରହିଛି। ଚଳିତ ବର୍ଷ ଓଷା ପାଳନକୁ କୋଠିଶାଳର ମୁଖ୍ୟ ପୂଜକ ରମେଶ ଚନ୍ଦ୍ର ପାତ୍ର, ସହାୟକ ପୂଜକ ପୁରେନ୍ଦ୍ର ପାତ୍ର, ସମ୍ଭାରୀ ପାତ୍ର, ସୁଷମା ପାତ୍ର ପ୍ରମୁଖଙ୍କ ସମେତ ପୂଜା କମିଟିର ପରିଚାଳନା ସଦସ୍ୟମାନେ ଦାୟିତ୍ୱ ତୁଲାଇଥିଲେ।



## ୬୦୦ରୁ ଉର୍ଦ୍ଧ୍ୱ ଲିଟର ମଦ ଜବତ, ୨ ଗିରଫ

ମୋରଡ଼ା,(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ଅଧିକାରୀ ପିତାମ୍ବର ମହାପାତ୍ରଙ୍କ ନିର୍ଦ୍ଦେଶରେ ମୋରଡା ବ୍ଲକ୍ ତଥା ବେତନଟୀ ଥାନା ଅଧୀନ ଭାଲୁକଚୁଆ ଗ୍ରାମ୍ୟ ଜଙ୍ଗଲରେ ବେଆଇନ ମଦ ଭାଟି ଉପରେ ଚଢ଼ାଉ କରି ୨୧ହଜାର କେଜି ମହୁଲ ପୋଚ ନଷ୍ଟ କରିଥିଲେ। ଏଥିସହ ୫୯୦ ଲିଟର ଦେଶୀ ମଦ ଏବଂ ମଦ ତିଆରି ପାଇଁ ବ୍ୟବହୃତ ସରଞ୍ଜାମ ମଧ ଅବକାରୀ ବିଭାଗ ଜବତ କରିଛି। ସେହିପରି ଭାଲୁକଚୁଆ ଗ୍ରାମର ଚାନମଣି ହାଁସଦା ଏବଂ ଦାକ୍ଷାଣ ହାଁସଦାଙ୍କ ଘରୁ ଶହେ ଲିଟର ମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ବାଲେଶ୍ୱର ଜିଲା ମେଡ଼ିକାଲ ଅସ୍ଥାୟୀ ସଫେଇ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ: ଆତିଥ୍ୟ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଇଣ୍ଟିଗ୍ରେଶନ ଯୁବ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଜିଲାସ୍କୁଲ ପଡିଆ, ସମୟ - ଦିବସବ୍ୟାପୀ।

**ଖଇରା**
- ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: ଗଣ୍ଡିବେଡ ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ପୁରୁଷ ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ ସହ ବଜାର ପରିକ୍ରମା, ସ୍ଥାନ- ବାରିପଦା ସର୍କିଟ ହାଉସ, ସମୟ: ସକାଳ ୭।

# ଶିକ୍ଷା ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ

## ୪ର୍ଥ ଜିଲା ପରିଷଦ ବୈଠକ

**ବାରିପଦା ଅଫିସ,୭।୧**

ମୟୂରଭଞ୍ଜ ଜିଲା ବାରିପଦା ମୁର୍ଗାବାଡ଼ିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲା ପରିଷଦର ୪ର୍ଥ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଙ୍କ ଅଧକ୍ଷତାରେ ୨୬ ବ୍ଲକ୍‌ରୁ ୫୬ଟି ଜିଲାପରିଷଦ ସଦସ୍ୟା ସଦସ୍ୟ, ୨୬ ପଞ୍ଚାୟତ ସମିତି ଅଧକ୍ଷା ଅଧକ୍ଷ ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜିଲା ମଙ୍ଗଳ, ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରାରମ୍ଭରେ ଦିବଙ୍ଗତ ପ୍ରାକ୍ତନ ମନ୍ତ୍ରୀ ଗୋଲକ ନାଏକଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।



ଜିଲା ପରିଷଦ ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧିମାନେ।

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଜିଲା ପରିଷଦର ସଦସ୍ୟମାନେ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲାରେ ୪ ହଜାର ୫ଶହ ସ୍କୁଲ ମଧ୍ୟରୁ କିଛି ସ୍ଥାନରେ ଶିକ୍ଷକ ଅଭାବକୁ ନେଇ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଦୁଇ ମାସ ପରେ ବାର୍ଷିକ ପରୀକ୍ଷାଥିବା ବେଳେ ଛାତ୍ରୀଛାତ୍ରମାନେ ଶିକ୍ଷା ନପାଇ କିପରି ପରୀକ୍ଷା ଦେବେ ବୋଲି ପ୍ରଶ୍ନ ଉଠାଇଥିଲେ। ସେହିପରି ଜିଲାରେ ଥିବା ୬୩୦ ହାଇସ୍କୁଲ ମଧ୍ୟରୁ ୪୯୦ଟି ବିଦ୍ୟାଳୟ ୫-ଟି ଅଧୀନକୁ ଆସିଥିବା ବେଳେ ନିମ୍ନମାନର କାର୍ଯ୍ୟ ପାଇଁ ତାହା ଭୂଶୁଡ଼ି ପଡୁଥିବାର ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ୫-ଟି ଯୋଜନାରେ 'ଆମ ହସ୍ପିଟାଲ' ଭାବେ ରୂପାନ୍ତରିତ ହେବ ବୋଲି ସୂଚନା ପ୍ରଦାନ କରିଛନ୍ତି। ୭ଫେବୃଆରୀରୁ ୧୦ପର୍ଯ୍ୟନ୍ତ ମେଗା କୃଷି ମେଳା ଆୟୋଜନ କରାଯାଉଛି। ସେହିପରି ମିଲେଟ୍ ମିଶନରେ ଜିଲାର ୧୨ଟି ବ୍ଲକ୍‌ରେ ଏହା କାର୍ଯ୍ୟକାରୀ ନେଇ ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ପ୍ରାକ୍ତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଧାୟକ ରାଜ କିଶୋର ଦାସ, ବିଧାୟକ ସନାତନ ବିଜୁଳି, ବିଧାୟକ ପ୍ରକାଶ ସୋରେନ, ବିଧାୟକ ଡା.ବୁଢ଼ାନ ମୁର୍ମୁ, ଜିଲାପରିଷଦ ଉପାଧ୍ୟକ୍ଷ ବିପିନ ସିଂବଦ୍ରା, ଜିଲାପାଳ ବିନୀତ ଭରଦ୍ୱାଜ, ପିଡି ଡିଆରଡିଏ ଦୌଲତ ଚନ୍ଦ୍ରକାର ପ୍ରମୁଖ ଉପସ୍ଥିତ ଥିଲେ ।

# ୨୬ରୁ ଚାନ୍ଦିପୁର ବେଳାଭୂମି ମହୋତ୍ସବ

**ବାଲେଶ୍ୱର ଅଫିସ, ୭।୧**

ଚଳିତ ମାସ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାନ୍ଦିପୁରଠାରେ ବେଳାଭୂମି ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ। ଏନେଇ କମିଟି ସଭାପତି ଜୀବନ ପ୍ରଦୀପ ଦାଶ ଶୁକ୍ରବାର ବାଲେଶ୍ୱର ସହରସ୍ଥିତ ଗାନ୍ଧୀସ୍ମୃତି ଛକସ୍ଥିତ ଏକ ଘରୋଇ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ପୃଷ୍ଠପୋଷକ ହୋଇଥିବା ବେଳେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ନୋଡ଼ାଲ ଅଫିସର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବରିଷ୍ଠ ମନ୍ତ୍ରୀ, ଏମ୍‌ପି ତଥା ଜିଲାର ସମସ୍ତ ବିଧାୟକ ଯୋଗଦାନ କରିବା ଲାଗି କମିଟି ତରଫରୁ ଅନୁରୋଧ କରାଯାଇଛି। ମହୋତ୍ସବରେ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସହିତ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସ୍ୱାଦର ଫୁଡ ଷ୍ଟଲ୍ ଖୋଲାଯିବା ଲାଗି ଆୟୋଜନ କରାଯାଇଛି। ଏହି ଅବସରରେ ସ୍ମରଣିକା 'ସୁବର୍ଣ୍ଣ ସିକତା' ଉନ୍ମୋଚନ କରାଯିବ। ଖବରଦାତା ସମ୍ମିଳନୀରେ କମିଟି ଉପସଭାପତି ବିପ୍ଳବ ମହାନ୍ତି, ସମ୍ପାଦକ ଡଃ ପ୍ରହ୍ଲାଦ ଚରଣ ମହାନ୍ତି, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ କିଶୋର ଦାସ, ଭାଗବତ ସାହୁ, ସମରେନ୍ଦ୍ର ନାଥ ଦାସ, ଅତିରିକ୍ତ ସମ୍ପାଦକ ଶ୍ରୀମାନ ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ମାଧବାନନ୍ଦ ମିଶ୍ର, ମିଡ଼ିଆ ସେଲ୍ ମୁଖ୍ୟ ଗଙ୍ଗାଧର ରାଉତଙ୍କ ସମେତ ଏବଂ ଜିଲା ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ଗଗନ ସାହୁ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟି କର୍ମକର୍ତ୍ତା।

## ରେଳପଥ ଜିଏମ୍‌ଙ୍କୁ ୭ ଦଫା ଦାବିପତ୍ର



କେନ୍ଦୁଝର,୭।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ପୂର୍ବତଟ ରେଳବାଇର ଜେନେରାଲ ମ୍ୟାନେଜରଙ୍କୁ କେନ୍ଦୁଝର ଯୁବ ପରିଷଦର ଆବାହକ ବରଦା ଦାସଙ୍କ ନେତୃତ୍ୱରେ ଏକ ୭ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାଦେଇ ଭୁବନେଶ୍ୱରରୁ ଦିଲ୍ଲୀକୁ ଟ୍ରେନ ଚଳାଚଳ, ଖଡ଼ଗପୁରରୁ ଯାଜପୁର-କେନ୍ଦୁଝରଗଡ଼କୁ ଆସୁଥିବା ଟ୍ରେନ୍‌କୁ କେନ୍ଦୁଝର ପର୍ଯ୍ୟନ୍ତ ସମ୍ପ୍ରସାରଣ, ବିଶାଖାପାଟଣା-ଟାଟା ଟ୍ରେନ୍‌କୁ ଦୈନିକ ଚଳାଇବା, କେନ୍ଦୁଝରରୁ ପାରାଦୀପକୁ ଯାତ୍ରୀବାହୀ ରେଳ ଚଳାଚଳ, ଖଡ଼ଗ୍‌ପୁରରୁ ବଡ଼ବିଲ ଜନଶତାବ୍ଦୀ ଟ୍ରେନ୍‌କୁ କେନ୍ଦୁଝର ପର୍ଯ୍ୟନ୍ତ ସମ୍ପ୍ରସାରଣ, ପୁରୀ-ବଡ଼ବିଲ ଟ୍ରେନ୍‌ରେ ଅଧିକ କୋଚ୍ ଯୋଡ଼ିବା ଦାବି କରିଛନ୍ତି। ସେହିପରି କେନ୍ଦୁଝର ଦେଇ ଟାଟାରୁ ହାଇଦ୍ରାବାଦ ଓ ବାଙ୍ଗାଲୋରକୁ ଯାତ୍ରୀ ବାହୀ ଟ୍ରେନ ଚଳାଚଳ ଦାବି ହୋଇଛି।

# ହାତୀ ସୁରକ୍ଷା ଉପରେ ବନ ବିଭାଗର ଉଚ୍ଚସ୍ତରୀୟ ବୈଠକ

**କେନ୍ଦୁଝର,୭।୧(ସ୍ୱ.ପ୍ର.)**

କେନ୍ଦୁଝର ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ହାତୀ ସୁରକ୍ଷା ଉପରେ ବନ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଆରସିସିଏଫ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ହାତୀମାନଙ୍କର ବିଭିନ୍ନ ସମସ୍ୟା ଏବଂ ସେସବୁର ସମାଧାନ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ହାତୀମାନଙ୍କ ସଂଖ୍ୟାର ନୀରିକ୍ଷଣ, ଶୀକାର ରୋକିବା ପାଇଁ ସ୍ୱତନ୍ତ୍ର ପ୍ରଣାଳୀ ପ୍ରସ୍ତୁତ କରିବା, ରେଳ ଦୁର୍ଘଟଣା ରୋକିବା, ବିଦ୍ୟୁତ୍ ଆଘାତରୁ ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା। ଲୋକଙ୍କ ସହଭାଗିତାରେ କିପରି ହାତୀମାନଙ୍କ ସୁରକ୍ଷା କରାଯାଇପାରିବ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଏତଦ୍‌ବ୍ୟତିତ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ହାତୀ ଉପଦ୍ରବ ଜନିତ କ୍ଷୟକ୍ଷତି କ୍ଷତିଗ୍ରସ୍ତ ଲୋକଙ୍କୁ ଠିକ୍ ସମୟରେ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗଜସାଥି ଜନସୁରକ୍ଷା-ଗଜରକ୍ଷା ଆଦି ସ୍କିମ୍ ବିଷୟରେ ଆଲୋଚନା କରାଯାଇଥିଲା। ହାତୀମାନଙ୍କର ବାସସ୍ଥଳୀର ବିକାଶ, ଭିତ୍ତିଭୂମିର ପ୍ରଭାବ, ଗତ ୧୦ବର୍ଷରେ ହୋଇଥିବା ହାତୀ ମୃତ୍ୟୁ, ବିଭିନ୍ନ ଡିଭିଜନରେ ହାତୀମାନଙ୍କ ବିପଦ ସୃଷ୍ଟି କରୁଥିବା ବ୍ୟବସ୍ଥା, ହାତୀମାନଙ୍କ କରିଡ଼ର, ଚଳାପଥ ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ କେନ୍ଦୁଝର ଡିଏଫ୍ ଏଚ୍‌ଡି ଧନରାଜଙ୍କ ସମେତ ବଣେଇ, ଦେବଗଡ଼, ରାଉରକେଲା, ସୁନ୍ଦରଗଡ଼ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସମେତ ବନ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ।

## ଶ୍ରୀ ସତ୍ୟସାଇଙ୍କ ଦିବ୍ୟ ପାଦୁକା ଯାତ୍ରା

ଚମ୍ପୁଆ,୭।୧(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ସହର ମହକୁମାରେ ଶ୍ରୀ ସତ୍ୟସାଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଦିବ୍ୟ ପାଦୁକା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଦୁକା ଯାତ୍ରା ଶ୍ରୀ ସତ୍ୟସାଇ ସେବା ସମିତି ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଚମ୍ପୁଆ ବସ୍‌ଷ୍ଟାଣ୍ଡଠାରୁ ଭଜନ କିର୍ତ୍ତନ ସହ ଏକ ବିରାଟ ପଟୁଆରରେ ବାହାରି ସହର ପରିକ୍ରମା ସହ ପାଞ୍ଚପୋଖରୀଆଠାରେ ଥିବା ଶ୍ରୀ ସତ୍ୟସାଇ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏଥିରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।



# ଗୋପାଳପୁର ଥାନା କାର୍ଯ୍ୟକ୍ଷମ ନେଇ ଅନିଶ୍ଚିତତା

**ବାହାନଗା, ୭।୧(ଡି.ଏନ.ଏ.)**

ଦୀର୍ଘ ୨୭ ବର୍ଷ ପରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଫାଣ୍ଡିର ପାହ୍ୟା ବୃଦ୍ଧି (ଅପ୍ ଗ୍ରେଡେସନ) କରି ମୁଖ୍ୟମନ୍ତ୍ରୀ ଗତ ଅଗଷ୍ଟ ୨୭ ତାରିଖରେ ନୂତନ ଥାନା ଘୋଷଣା କରିଥିଲେ। ଏହି ଘୋଷଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ଅଧିକାରୀ ଓ କର୍ମଚାରୀମାନଙ୍କୁ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଘୋଷଣା ହେବାର ୫ ମାସ ବିତିଯାଇଥିଲେ ମଧ କାର୍ଯ୍ୟକ୍ଷମ ନେଇ ଅନଶ୍ଚିତତା ଦେଖାଦେଇଥିବାରୁ ସ୍ଥାନୀୟ ବାସିନ୍ଦା ନିରାଶ ହୋଇପଡିଛନ୍ତି। ଗତ ୨୦୨୦ରେ ରାଜ୍ୟ ସରକାର ରାଜ୍ୟରେ ୯ଟି ନୂତନ ଥାନା କରିବା ପାଇଁ ଘୋଷଣା କରିଥିଲେ। ସେଥିରୁ ଗୋପାଳପୁର ଫାଣ୍ଡି ବାଦ୍ ପଡିଥିଲା। ସେହି ମାସ ଧରିତ୍ରୀରେ '୨୫ ବର୍ଷ ହେଲାଣି ଫାଣ୍ଡି ହୋଇପାରୁନାହିଁ ଥାନା'ଏକ ସ୍ୱତନ୍ତ୍ର ଖବର ପ୍ରକାଶ ପାଇଥିଲା। ଏହାପରେ ଦୀର୍ଘ ୨୬ ବର୍ଷ ପରେ ରାଜ୍ୟ ସରକାର ଗୋପାଳପୁର ଫାଣ୍ଡିକୁ ଅପ୍ ଗ୍ରେଡେସନ କରି ଥାନା ଘୋଷଣା କରିଥିଲେ । ଏପର୍ଯ୍ୟନ୍ତ ଥାନାର କାର୍ଯ୍ୟକ୍ଷମ ନ ହେବା ପରିତାପର ବିଷୟ ପାଲଟିଛି। ତୁରନ୍ତ ପ୍ରଶାସନ ଗୋପାଳପୁର ଫାଣ୍ଡିକୁ ଥାନାର ମାନ୍ୟତା ଦେଇ କାର୍ଯ୍ୟକ୍ଷମ ପାଇଁ ଦାବି ହୋଇଛି।

## 'ପ୍ରତିଯୋଗିତା ଲୁକ୍କାୟିତ ପ୍ରତିଭା ଚୟନ କରେ'

କେନ୍ଦୁଝର,୭।୧(ସ୍ୱ.ପ୍ର./ଡି.ଏନ୍.ଏ): ୧୪ ଓ ୧୭ ବର୍ଷରୁ କମ୍ ବାଳିକା, ବାଳକଙ୍କର ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ଜିଲାର ସମସ୍ତ ୧୩ଟି ବ୍ଲକ୍‌ରୁ ପ୍ରତିଯୋଗୀ ଭାଗ ନେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କର ପ୍ରତିଯୋଗିତା ଲୁକ୍କାୟିତ ପ୍ରତିଭା ଚୟନ କରେ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଡିଏନ୍. ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତୃପ୍ତିମୟୀ ପାତ୍ର ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ଯୋଗଦେଇଥିଲେ। ୫ ଦିନ ବ୍ୟାପି ହକି, ଖୋଖୋ, କବାଡ଼ି, ଆଥ୍‌ଲେଟିକ୍ସ, କ୍ରିକେଟ୍ ଖେଳ ଅନୁଷ୍ଠିତ ହେବ ବୋଲି ଜିଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ଡମ୍ବରୁଧର ମହାନ୍ତ ପ୍ରକାଶ କରିଛନ୍ତି। ବିଭିନ୍ନ ବ୍ଲକ୍‌ର କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ସମସ୍ତ କ୍ରୀଡ଼ା ପରିଚାଳନାରେ ସହଯୋଗ କରୁଛନ୍ତି। ଏକାଦଶ ଏବଂ ୨ୟ ପାଳିରେ ବାଲିଆପାଳ ଏକାଦଶ ବନାମ କେଶପୁରା ଏକାଦଶ ମଧରେ ଖେଳ ହୋଇଥିଲା। ସେକ୍ ଫଇଜୁ ଓ ପପୁ ସାମନ୍ତ ଅମ୍ପାୟାର ଭାବେ ପରିଚାଳନା କରିଥିଲେ ।

# ୨ କ୍ୱାର୍ଟରରେ ବାଲେଶ୍ୱର, କଟକ ବିଜୟୀ

## ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା ଖେଳକୁ ଉଦ୍‌ଘାଟନ କରୁଛନ୍ତି।

**ଖଇରା,୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ୨ କ୍ୱାର୍ଟର ମଧ୍ୟରୁ ଶୁକ୍ରବାର ପ୍ରଥମ କ୍ୱାର୍ଟରରେ ବାଲେଶ୍ୱରର ଆଦର୍ଶ କ୍ରିକେଟ ଏକାଡେମୀ ଓ ଶନିବାର ଦ୍ୱିତୀୟ ଦିବସରେ କଟକର ଜୁଭେନାଇଲ କ୍ରିକେଟ ଏକାଡେମୀ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଉଦ୍‌ଘାଟନୀ ଦିବସରେ ବାଲେଶ୍ୱରର ଆଦର୍ଶ ଏକାଡେମୀ ଭୁବନେଶ୍ୱରର ସ୍ମାର୍ଟନ କ୍ରିକେଟ ଏକାଡେମୀକୁ ୮ ଉଇକେଟରେ ପରାସ୍ତ କରିଥିଲା। ଶନିବାର ଦ୍ୱିତୀୟ କ୍ୱାର୍ଟରରେ କଟକର ଜୁଭେନାଇଲ ଟିମ୍ ବ୍ରହ୍ମପୁରର ଲିଡ କ୍ରିକେଟ କ୍ଲବକୁ ୬୮ରନରେ ପରାସ୍ତ କରିଥିଲା। ସାର୍ଥକ ରଞ୍ଜନ ବିଶ୍ୱାଳ ଓ ଦେବବ୍ରତ ଦାସ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ମହାପାତ୍ର, ଉଦୟଭାନୁ ପତି ଓ ଅଭିମନ୍ୟୁ ରାଉଳ ଭାଷ୍ୟକାର, କମଳାକାନ୍ତ ବେହେରା ଓ ଜନ୍ମେଜୟ ମହାକୁଡ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ନାମେଣ୍ଟକୁ ଖଇରା ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା ଉଦ୍‌ଘାଟନ କରିଥିବା ବେଳେ ସରପଞ୍ଚ ପ୍ରତିନିଧି ବିଶ୍ୱଭୂଷଣ ପ୍ରଧାନ, ସମିତିସଭ୍ୟ ପ୍ରତିନିଧି ରବୀନ୍ଦ୍ର ମହାନ୍ତି, ମଧୁସୂଦନ ଜେନା ତଥା ଗଣ୍ଡିବେଡ ହାଇସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀଶିକ୍ଷକ ଓ ଗଣ୍ଡିବେଡ ବଜାରବାସୀ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**ମୋରଡ଼ା, ୭।୧ (ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଡାଙ୍ଗରବିଲା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ଆର୍ତ୍ତ କୁମାର ପରିଡାଙ୍କ ପୌରୋହିତ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୋରଡ଼ା ବ୍ଲକ ସଂଘ ସଭାପତି ଭାବେ ରତିକାନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ବେହେରା, ଉପସଭାପତି ରେଖାରାଣୀ ମାଇତି, ଜ୍ଞାନରଞ୍ଜନ ବାରିକ, ସମ୍ପାଦକ ସକୁନ୍ତଳା ସି, ଉଦୟ କୁମାର ମାହାନା, ସାଙ୍ଗଠନିକ ସମ୍ପାଦକ ସଞ୍ଜୀବ କୁମାର ମହାନ୍ତ, ଅନୁରାଧା ଦେ ଓ କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ନାୟକ ନିର୍ବାଚିତ ହୋଇଛନ୍ତି। ସଂଯୋଜକ ଭାବେ ପଦ୍ମଲୋଚନ ମହାନ୍ତ, ମିଡିଆ ସଂଯୋଜକ ଦେବେନ୍ଦ୍ର ନାଥ ସେନାପତି, ମୌସୁମୀରାଣୀ ବେହେରା ଏବଂ ଉପଦେଷ୍ଟା ମଣ୍ଡଳୀରେ ନନ୍ଦକିଶୋର ବେହେରା, ରାଜକିଶୋର ଗିରି, ଅଶ୍ୱିନୀ କୁମାର ସେନାପତି, ଅଞ୍ଜଳି ମହାନ୍ତ ଓ ଜୟନ୍ତ କୁମାର ଦେ ମନୋନୀତ ହୋଇଛନ୍ତି।

# ଛାତ୍ରୀଛାତ୍ର ଶିଖିଲେ ବିଭିନ୍ନ ପ୍ରଜାତିର ବୃକ୍ଷଲତା ଚିହ୍ନଟ କୌଶଳ

## ବନ୍ୟଜନ୍ତୁ ସଂରକ୍ଷଣ କର୍ମଶାଳା

**ନୀଳଗିରି, ୭।୧(ସ୍ୱ.ପ୍ର.)**

ବଣପାହାଡ଼ ଘେରା ସବୁଜବନାନୀ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ପାଦଦେଶରେ ଥିବା 'ସାଇ ଇସୱରୀ ହିଲ ଭିୟୁ ରିସର୍ଟ' ପରିସରରେ ଶନିବାର ବିକାଶ ସାଥୀ ଓ ଫକୀରମୋହନ ମହାବିଦ୍ୟାଳୟର ଆନୁକୂଲ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବା ପ୍ରଫେସର, ଡକ୍ଟର ଏବଂ ଛାତ୍ରୀଛାତ୍ରମାନଙ୍କୁ ନେଇ ଦୁଇଦିନିଆ ବନ୍ୟଜନ୍ତୁ ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ ଉଦ୍‌ଘାଟନ କରିଥିଲେ। କର୍ମଶାଳାର ପ୍ରଥମ ଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଏନ୍‌ଆଇପିଏଚ୍, ରମାଦେବୀ ସ୍ୱୟଂଚାଳିତ ମହାବିଦ୍ୟାଳୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଓ ଅନ୍ୟାନ୍ୟ ବିଭାଗର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମସ୍ତ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ, ବୃକ୍ଷପୂଜନ କାର୍ଯ୍ୟ ହୋଇଥିଲା। କର୍ମଶାଳାର ମୁଖ୍ୟ ତଥା ପରିବେଶବିତ୍ ମନୋରଞ୍ଜନ ଦାସ ଉପଢୌକନ ଦେଇ ସ୍ୱାଗତ କରିଥିଲେ। କର୍ମଶାଳାରେ ସମ୍ମାନିତ ଅତିଥି ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବିଶେଷଜ୍ଞମାନେ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ତଥା ପରିବେଶ ଯେଉଁଭଳି ଦୂଷିତ ହେବାକୁ ଲାଗିଛି ଏହାର ସୁରକ୍ଷା ସମ୍ବନ୍ଧରେ ତାଙ୍କର ଗବେଷଣାତ୍ମକ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରଜାତିର ବୃକ୍ଷ ଲତା ଚିହ୍ନଟ କରିବାର କୌଶଳ ପ୍ରକଳ୍ପ ମାଧ୍ୟମରେ ଦେଖାଇଥିଲେ। କର୍ମଶାଳାରେ ପ୍ରଫେସର ମନୋରଞ୍ଜନ ମିଶ୍ର, କୁଲଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା, ଡ. ଭାସ୍କର ବେହେରା, ଡ. ନୀଳାଦ୍ରି ଭୂଷଣ କର, ଡ. ବିଶ୍ୱଜିତ ପଣ୍ଡା, ଦିଲୀପ କୁମାର ବେଜ, ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ ଏବଂ ବିକାଶ ସାଥୀର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିବା ବେଳେ ସାମାଜିକ କର୍ମୀ ଅସିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


କର୍ମଶାଳାରେ ଉପସ୍ଥିତ ପ୍ରଫେସର, ଡକ୍ଟର ଓ ଛାତ୍ରୀଛାତ୍ର।

# ଟାଉନ କ୍ଲବ ଲକ୍ଷ୍ମଣନାଥ ଫାଇନାଲରେ


ଅତିଥି ଖେଳାଳିଙ୍କ ସହ ହାତ ମେଳାଉଛନ୍ତି।

**ବାସୁଦେବପୁର, ୭।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ସୁଗୁଡ଼ାସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟାଉନ କ୍ଲବ ଲକ୍ଷ୍ମଣନାଥ ସଡନଡେଥ ଗୋଲ୍ ଜରିଆରେ ପ୍ରତାପନଗରୀ କଟକକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ ଥାଇରୋକେୟାର କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ବିରେନ୍ଦ୍ର କୁମାର ନାୟକ, ଶିଳ୍ପଦ୍ୟୋଗୀ ଜିତେନ୍ଦ୍ର ଦାସ, କାଉନସିଲର ଆସିନା ବିବି ପ୍ରମୁଖ ଯୋଗ ଦେଇଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ସୁକାନ୍ତ ବାରିକ, ଶ୍ରୀଗଣେଶ କ୍ଲବ ସଭାପତି ଗୌରାଙ୍ଗ ଚନ୍ଦ୍ର ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ଦେବଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ମିଳନୀର ବାର୍ଷିକ ଉତ୍ସବ

କେନ୍ଦୁଝର,୭।୧(ସ୍ୱ.ପ୍ର.): କେନ୍ଦୁଝର ଜିଲାର ପୁରାତନ ସାରସତ୍ୱ ଅନୁଷ୍ଠାନ ମିଳନୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠାନ ସଭାପତି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ସୂଚନା ଦିଆଯାଇଛି। ଏହି ଅବସରରେ ଗଳ୍ପ ପାଇଁ କଥାକାର ପବିତ୍ର ପାଣିଗ୍ରାହୀ, କବିତା ପାଇଁ କବି ତ୍ରିନାଥ ସିଂହ ଓ ପ୍ରବନ୍ଧ ପାଇଁ ଡକ୍ଟର ମହେଶ୍ୱର ପାଢ଼ୀଙ୍କୁ ଏହି ସମ୍ମାନ ପ୍ରଦାନ ପାଇଁ ଚୟନ କରାଯାଇଛି। ଶିଶୁ ସାହିତ୍ୟ ପାଇଁ ଦିବଂଗତ ଶିଶୁ ସାହିତ୍ୟିକ ଚିତରଞ୍ଜନ ପଟ୍ଟନାୟକଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିବା ସମ୍ପାଦକ ଡକ୍ଟର ଚିତରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି।

# ସମୀକ୍ଷା କଲେ ଲୋକାୟୁକ୍ତ

## ହାତୀ ପରିଚାଳନାକୁ ନେଇ କର୍ମଶାଳା

**ବାରିପଦା ଅଫିସ,୭।୧**

ମୟୂରଭଞ୍ଜ ଜିଲା ବାରିପଦା ସର୍କଲର ନିର୍ଦ୍ଦିଷ୍ଟ ସ୍ଥାନରେ ହାତୀ ପରିଚାଳନାକୁ ନେଇ ଏକ କର୍ମଶାଳା ଶନିବାର ବାରିପଦା ଭଞ୍ଜପୁରସ୍ଥିତ ଆଞ୍ଚଳିକ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଲୋକାୟୁକ୍ତ ଡ. ଦେବବ୍ରତ ସ୍ୱାଇଁ ଏଥିରେ ଯୋଗଦେଇ ସମୀକ୍ଷା କରିଥିଲେ। କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର, ଶିମିଳିପାଳ ଉତ୍ତର ଡିଭିଜନର ଡେପୁଟୀ ଡାଇରେକ୍ଟର ସାଇ କିରଣ, ଦକ୍ଷିଣ ଡିଭିଜନର ଡେପୁଟୀ ଡାଇରେକ୍ଟର ସମ୍ରାଟ ଗୌଡା, ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ, କରଞ୍ଜିଆର ଶ୍ରୀକାନ୍ତ ନାଏକ ଓ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀ କୁମାର ବେହେରା, ବାଲେଶ୍ୱର ସର୍କଲ ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଓ ଆନନ୍ଦପୁର ବନଖଣ୍ଡ ଅଧିକାରୀ ଅଭୟ ଦଳେଇ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ୍ତ କବି, ଅକ୍ଷୟ କୁମାର ମହାନ୍ତି, ନିରଞ୍ଜନ ଦାସ, ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ, ସଂଯୁକ୍ତ ବସା, ପରିବେଶପ୍ରେମୀ ମେଜର ବି.ସି. ଦାସ, ସନ୍ତୋଷ ମହାନ୍ତି, ହରିହର ଦାସ, ଷ୍ଟେଟ ୱାଇଲ୍ଡ ଲାଇଫ ସଦସ୍ୟ ଗୋପୀନାଥ ସିଂ, ସରପଞ୍ଚ ରବୀନ୍ଦ୍ର କିସ୍କୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ପ୍ରବେଶ କରୁଥିବା ହାତୀମାନଙ୍କ ସୁରକ୍ଷା ନିମନ୍ତେ ଅଞ୍ଚଳବାସୀଙ୍କ ସହଭାଗିତା ରହିବା ନିତାନ୍ତ ଆବଶ୍ୟକ ବୋଲି କୁହାଯାଇଥିଲା। ହାତୀ ଗତିବିଧି ଉପରେ ଲୋକଙ୍କୁ ସଚେତନ କରିବା ସହ କ୍ଷୟକ୍ଷତିର ଅନୁକମ୍ପା ରାଶି ଦ୍ୱିଗୁଣିତ କରିବାକୁ ପ୍ରସ୍ତାବ ଆଗତ ହୋଇଛି। ମୁଖ୍ୟତଃ ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ତିନି ରାଜ୍ୟର ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ହୋଇପାରିଲେ ହାତୀ ପରିଚାଳନା ସମ୍ଭବ ହୋଇପାରିବ। ସେହିପରି ହାତୀ ପରିଚାଳନା ନେଇ ସୃଷ୍ଟି ହେଉଥିବା ଦ୍ୱନ୍ଦ୍ୱର ସମାଧାନ, ଜୀବନ ଓ ସମ୍ପତ୍ତି ନଷ୍ଟ ପାଇଁ କ୍ଷତିପୂରଣ ମଞ୍ଜୁରୀ ଏବଂ ଅନ୍ୟାନ୍ୟ ବୈଷୟିକ ହସ୍ତକ୍ଷେପ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ହାତୀର ସଠିକ ଗତିର ସମୟ ସହ ହାତୀପଲ ଓ ସେମାନଙ୍କ ଆଚରଣ ସମ୍ପର୍କରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ହାତୀର ଆବଶ୍ୟକ ଖାଦ୍ୟକୁ ନେଇ ନଷ୍ଟ ହୋଇଥିବା ଜଙ୍ଗଲଗୁଡ଼ିକର ସମୃଦ୍ଧି ତଥା ହାତୀମାନଙ୍କୁ ମୂଳ ବାସସ୍ଥାନରେ ରଖିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି।


କର୍ମଶାଳାରେ ଲୋକାୟୁକ୍ତଙ୍କ ସହ ଅଧିକାରୀମାନେ।

